## ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ: ଜୟପୁର ଚାମ୍ପିୟନ

କୋରାପୁଟ, (ସ୍ୱ.ପ୍ର.): କୋରାପୁଟ ପୋଲିସ ପଡ଼ିଆଠାରେ ଚାଲିଥିବା ଅବିଭକ୍ତ କୋରାପୁଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟର ବୁଧବାର ଫାଇନାଲ ମ୍ୟାଚ ଜୟପୁର ଓ ଦାମନଯୋଡ଼ିର କଣ୍ଟାବାଉଁଶୁଣୀ ଦଳ ମଧରେ ହୋଇଥିଲା। ଏଥିରେ ଜୟପୁର ୨-୧ ଗୋଲ ରେ ଦାମନଯୋଡ଼ିକୁ ପରାସ୍ତକରି ଜୟପୁର ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣୀ ଉତ୍ସବରେ ବିଧାୟକ ରଘୁରାମ ପଡାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଜୟପୁର ଦଳକୁ ପୁରସ୍କୃତ କରିଥିଲେ। ସମ୍ମାନିତ ଅତିଥିଭାବେ ଈଶ୍ୱର ଚନ୍ଦ୍ର ପାଣିଗ୍ରାହୀ, ପି.କେ. ଦାସ , ଏସ୍‌ଡିପିଓ ଗୁଣନିଧି ମଲ୍ଲିକ, ଏବଂ ଆଥଲେଟିକ୍ସ ଆସୋସିଏଶନ ଉପସଭାପତି ମନୋଜ ଆଚାର୍ଯ୍ୟ ଉପସ୍ଥିତ ଥିଲେ।



କୋରାପୁଟ ଓଏସ୍ଏପିଠାରେ ହୋଇଥିବା ପୂଜାମଣ୍ଡପ।



ମାଲକାନଗିରି ଡେଲି ମାର୍କେଟରେ ମା'ଙ୍କ ଅଷ୍ଟମୀ ପୂଜା।





ଚିତ୍ରକୋଣ୍ଡା ଅଞ୍ଚଳରେ ଦୁଇଟି ସ୍ଥାନରେ ହୋଇଥିବା ପୂଜାମଣ୍ଡପ।

## ମହାମାୟାଙ୍କ ଅଷ୍ଟମୀପୂଜା

କୋରାପୁଟ,୧୩।୧୦(ସ୍ୱ.ପ୍ର.): କୋଭିଡ୍ କଟକଣା ମଧରେ କୋରାପୁଟ ସହରର ୬ଟି ପୂଜାମଣ୍ଡପରେ ଶାରଦୀୟ ଦୁର୍ଗାପୂଜା ଚାଲିଛି। ବୁଧବାର ଚଣ୍ଡିପାଠରେ ପାଳନ ହୋଇଛି ମହାମାୟାଙ୍କ ଅଷ୍ଟମୀପୂଜା। ପ୍ରାତଃ ସମୟରେ ମଙ୍ଗଳ ଆରତି, ଚଣ୍ଡିପାଠ, ଚଣ୍ଡୀ ଆହୂତି ଆଦି ଯଥା ରୀତିରେ ସମ୍ପନ୍ନ ହୋଇଛି। କୋରାପୁଟ ଓଏସ୍ଏପି ତୃତୀୟ ବାଟାଲୟନ ପକ୍ଷରୁ ଆୟୋଜିତ ପୂଜାକୁ ରାତିରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ରଘୁରାମ ପଡାଲ ବୁଲି ଦେଖିବା ସହ ମା'ଙ୍କୁ ଦର୍ଶନ କରିଛନ୍ତି। ଡିଏନ୍‌କେସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ବଙ୍ଗାଳି ପରିବାର ପକ୍ଷରୁ ହୋଇଥିବା ଦୁର୍ଗାପୂଜା ମଣ୍ଡପରେ ପୂଜାର୍ଚ୍ଚନା ସହ ମହାଷ୍ଟମୀ ପୂଜା ଶେଷ ହୋଇଛି। ଘରୋଇ ବସ୍ ମାଲିକ ସଂଘ, ଜିଲା ପୋଲିସ ପକ୍ଷରୁ ପୋଲିସ ପଡିଆଠାରେ, ଆଇଆର୍‌ବି ପ୍ରଥମ ବାଟାଲିଆନ, କୋରାପୁଟ ବ୍ୟବସାୟୀ ସଂଘ ପକ୍ଷରୁ ହାଟପଦାଠାରେ ପୂଜାମଣ୍ଡପରେ ମହାଷ୍ଟମୀ ପୂଜା କରାଯାଇଛି।

# ଅସଲି, ନକଲି ବିଜେଡି କହି ଠେଲାପେଲା

ରାୟଗଡ଼ା ଅଫିସ,୧୩।୧୦

- ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ନେଇ ବୈଠକ
- ସରକାରୀ କାର୍ଯ୍ୟକ୍ରମରେ କର୍ମୀଙ୍କ ଭିଡ଼, ବିଡିଓଙ୍କୁ ମିଳିଲାନି ଆସନ
- ପଦାରେ ପଡ଼ିଲା ଦଳୀୟ କନ୍ଦଳ

ରାୟଗଡ଼ା ଜିଲାର କାଶୀପୁର ଏବଂ ରାୟଗଡ଼ା ବ୍ଲକର ବିଭିନ୍ନ ଗ୍ରାମକୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ନିମନ୍ତେ ସୋମବାର ମେଗା ପାନୀୟ ଜଳଯୋଗାଣ ପ୍ରକଳ୍ପକୁ କ୍ୟାବିନେଟରେ ଅନୁମୋଦନ ମିଳିଛି। ଏହାଦ୍ୱାରା ଲୋକେ କିପରି ସୁଫଳ ପାଇବେ ଏବଂ ଅଞ୍ଚଳ ପ୍ରତି ମୁଖ୍ୟମନ୍ତ୍ରୀଙ୍କ ଅନୁକମ୍ପା ନେଇ ଲୋକଙ୍କୁ ଅବଗତ କରାଇବାକୁ ବୁଧବାର କାଶୀପୁର ସଦରସ୍ଥିତ ବ୍ଲକ କାର୍ଯ୍ୟାଳୟ ପରିସରରେ ସରକାରୀ ସ୍ତରରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଏହି କାର୍ଯ୍ୟକ୍ରମରେ ବିଜେଡିର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଅସଲି ଓ ନକଲି କହି ପାଟିତୁଣ୍ଡ ସହ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ସମ୍ମାନିତ ଅତିଥି ରୂପେ ଆଦିବାସୀ କଲ୍ୟାଣ ମନ୍ତ୍ରୀ ଜଗନ୍ନାଥ ସାରକା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଉପଦେଷ୍ଟା ସୁଧୀର ଦାସ, ଜିଲା ପରିଷଦ ଅଧକ୍ଷ ଗଙ୍ଗାଧର ପୁଆଲା ପ୍ରମୁଖ ଯୋଗ ଦେଇଥିଲେ। କାଶୀପୁର ବିଡ଼ିଓ ଗୌର ଚନ୍ଦ୍ର ପଟ୍ଟନାୟକ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ତେବେ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡି ମଧରେ ରହିଥିବା କନ୍ଦଳ ଏଠାରେ ପଦାରେ ପଡ଼ିଛି। କର୍ମୀମାନେ ଦୁଇ ଗୋଷ୍ଠୀରେ ବିଭକ୍ତ ହୋଇଥିବା ଦେଖିବାକୁ ମିଳିଛି। ଗତ ବିଧାନସଭା ନିର୍ବାଚନ ସମୟରେ ବିଜେଡିର ଗୋଟିଏ ଗୋଷ୍ଠୀ ସ୍ୱାଧୀନ ପ୍ରାର୍ଥୀ ମକରନ୍ଦ ମୁଦୁଲିଙ୍କୁ ସମର୍ଥନ ଜଣାଇ ବିଜୟୀ କରାଇଥିବାବେଳେ ଅନ୍ୟ ଗୋଷ୍ଠୀ ମକରନ୍ଦଙ୍କ ପ୍ରତିଦ୍ୱନ୍ଦ୍ୱୀ ଲାଲ୍‌ବିହାରି ହିମିରିକାଙ୍କୁ ସମର୍ଥନ କରିଥିଲେ। ସେ ସମୟରୁ ଦଳ ମଧରେ ବିବାଦ ଲାଗିରହିଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାବେଳେ ଉଭୟ ଗୋଷ୍ଠୀ ମିଳିମିଶି କାମ କରିବାକୁ ରାଜ୍ୟ ବିଜେଡିର ନିର୍ଦ୍ଦେଶ ରହିଛି। ସ୍ଥାନୀୟ ନେତୃବୃନ୍ଦ ଦୁଇ ଗୋଷ୍ଠୀଙ୍କୁ ଏକାଠି କରିବାକୁ ପ୍ରୟାସ ଜାରି ରଖିଥିଲେ ମଧ ସଫଳ ହୋଇପାରୁ ନ ଥିବା ବୁଧବାର ବୈଠକରେ ସ୍ପଷ୍ଟ ହୋଇଛି।

ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ନେଇ ସରକାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ ପଞ୍ଚାୟତ ନିର୍ବାଚିତ ପ୍ରତିନିଧିଙ୍କୁ ନେଇ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜନ ହେବା ଉଚିତ ଥିଲା। କିନ୍ତୁ ଏହି ବୈଠକରେ ମନ୍ତ୍ରୀ, ବିଧାୟକ ଓ ଦୁଇ ଅଧକ୍ଷଙ୍କ ଉପସ୍ଥିତି ଯୋଗୁ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ରହି ଜଳଯୋଗାଣ ପ୍ରକଳ୍ପକୁ ଦଳୀୟ ରୂପ ଦେବାକୁ ଚେଷ୍ଟାକରି ଶକ୍ତି ପ୍ରଦର୍ଶନ କରିଥିଲେ। ଦୁଇ ଗୋଷ୍ଠୀ ଭିନ୍ନ ସ୍ଥାନରୁ ପଟୁଆରରେ ବାହାରି କାର୍ଯ୍ୟକ୍ରମ ସ୍ଥଳରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ଦଳୀୟ କର୍ମୀଙ୍କ ସଂଖ୍ୟା ଅଧିକ ରହିଥିବାବେଳେ ପଞ୍ଚାୟତ ପ୍ରତିନିଧିଙ୍କ ସଂଖ୍ୟା ସୀମିତ ରହିଥିଲା। ଅଧିକ ସଂଖ୍ୟାରେ କର୍ମୀଙ୍କ ଉପସ୍ଥିତି ଯୋଗୁ ବିଡିଓଙ୍କୁ ମଧ ଆସନ ମିଳି ନ ଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମରେ ଉପସ୍ଥିତ ନେତାମାନେ ମୁଖ୍ୟମନ୍ତ୍ରୀଙ୍କ ଶାସନ କାଳରେ ବିକାଶ କାର୍ଯ୍ୟକ୍ରମକୁ ନେଇ ଲୋକଙ୍କୁ ଅବଗତ କରାଇବାକୁ ଉଦ୍ୟମ କରାଯାଉଥିବାବେଳେ ଦଳର ଦୁଇ ଗୋଷ୍ଠୀଙ୍କ ମଧରେ ଅସଲି ବିଜେଡି ଓ ନକଲି ବିଜେଡି କହି ଯୁକ୍ତିତର୍କ ହୋଇ ଠେଲାପେଲାରେ ପହଞ୍ଚିଥିଲା। ଫଳରେ କାର୍ଯ୍ୟକ୍ରମକୁ ବନ୍ଦ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜେଡି ଦଳର ରାଜ୍ୟ ସମ୍ପାଦକ ଜଗଦୀଶ ପାତ୍ର, କୃଷ୍ଣ ମହାପାତ୍ର, ଜିଲା ମହିଳା ନେତ୍ରୀ ଅନୁସୟା ମାଝି, ବ୍ଲକ ଅଧକ୍ଷା ରୁଆଇ ମାଝି, ବ୍ଲକ ସଭାପତି ବିନୋଦ ନାୟକ, କାଶୀପୁର ପଞ୍ଚାୟତ ଅଧିକାରୀ କୁମାର ତୁରୁକୁ ପ୍ରମୁଖ ଉପସ୍ଥିତ ଥିଲେ।

## ଯନ୍ତ୍ରୀଙ୍କ ଉପସ୍ଥିତିରେ ନିମ୍ନମାନର କାର୍ଯ୍ୟ

### ବିଦ୍ୟୁତ୍ ସବ୍‌ଷ୍ଟେଶନ ନବୀକରଣ କାର୍ଯ୍ୟ



କୋରୁକୋଣ୍ଡା,୧୩।୧୦(ଡି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ଜଳ ବିଦ୍ୟୁତ୍ କେନ୍ଦ୍ର ଅଧୀନରେ ଥିବା ସବ୍‌ଷ୍ଟେଶନ ମରାମତି କାର୍ଯ୍ୟ ନିମ୍ନମାନର ହେଉଥିବା ଅଭିଯୋଗ ହେଉଛି। ଜଳବିଦ୍ୟୁତ୍ କେନ୍ଦ୍ର ଅଧୀନରେ ଥିବା ୩ଟି ସବ୍‌ଷ୍ଟେଶନରେ ଦୀର୍ଘଦିନ ଧରି ଗଛଲତା ମାଡ଼ି ରହିଥିଲା। ଏହାର ନବୀକରଣ ପାଇଁ ୧୦ ଲକ୍ଷ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଟେଣ୍ଡରକୁ ସ୍ଥାନୀୟ ଅଞ୍ଚଳର ଠିକାଦାର ସୁଶାନ୍ତ ନାୟକ ପାଇଥିଲେ। ପ୍ରଥମେ ଏହି କାର୍ଯ୍ୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସବ୍‌ଷ୍ଟେଶନରୁ ଆରମ୍ଭ ହୋଇଛି। ତେବେ ଏହି କାର୍ଯ୍ୟ ଆରମ୍ଭରୁ ନିମ୍ନମାନର ହେଉଥିବା ଦେଖିବାକୁ ମିଳୁଛି। ହାତବାଡ଼ିଆ ମେଟାଲ ବ୍ୟବହାର ହେଉଛି। ସେହିପରି ପୂର୍ବରୁ ବ୍ୟବହାର ହୋଇଥିବା ମେଟାଲଗୁଡ଼ିକ ପୁନଃ ବ୍ୟବହାର କରାଯାଉଛି। ସବୁଠାରୁ ଗୁରୁତର ବିଷୟ, ଯନ୍ତ୍ରୀ ଅକ୍ଷୟ ସ୍ୱାଇଁଙ୍କ ଉପସ୍ଥିତିରେ ଏପରି କାର୍ଯ୍ୟ ହେଉଛି। ସେ କିଛି ନ ଜାଣିବା ପରି ନୀରବ ରହୁଛନ୍ତି। ଏନେଇ ସ୍ୱାଇଁଙ୍କୁ ପଚାରିବାରୁ ସେ ନିଜ ଦୋଷ ସ୍ୱୀକାର କରି ଏଭଳି ନିମ୍ନମାନର ମେଟାଲ ପୁନଃ ବ୍ୟବହାର କରାଯିବ ନାହିଁ ବୋଲି କହିଛନ୍ତି।

# ଟଙ୍କା ନ ଦେବାରୁ ଯୁବକଙ୍କୁ ଉଠାଇନେଲେ ଚାଷୀ

କୋରୁକୋଣ୍ଡା,୧୩।୧୦(ଡି.ଏନ.ଏ.)

- ଚାଷୀଙ୍କଠାରୁ ୪ଶହ କୁଇଣ୍ଟାଲ ଧାନ ନେଇଥିଲେ
- ଟଙ୍କା ନ ଦେଇ ଲୁଚି ବୁଲୁଥିଲେ ନରସିଂହ
- ଖାପ୍ ପଞ୍ଚାୟତ ବୈଠକକୁ ମଧ ଆସି ନ ଥିଲେ

ଚାଷୀଙ୍କଠାରୁ ଧାନ ନେଇ ଜଣେ ସମ୍ପର୍କୀୟଙ୍କ ମଣ୍ଡି କାର୍ଡରେ ବିକ୍ରିକରି ପରେ ଟଙ୍କା ଦେବାକୁ କହି ଲୁଚି ବୁଲୁଥିବା ଜଣେ ଯୁବକଙ୍କୁ ବୁଧବାର ଗ୍ରାମବାସୀ ଧରିଛନ୍ତି। ସମସ୍ତ ଟଙ୍କା ଦେବାକୁ ଦାବିକରି ତାକୁ ଗ୍ରାମରେ ଅଟକ ରଖିଛନ୍ତି। ସେ ହେଉଛନ୍ତି ମାଲକାନଗିରି ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତ ମାସାଗୁଡ଼ା ଗ୍ରାମର ଜେନୁ ପଡ଼ିଆମିଙ୍କ ପୁଅ ନରସିଂହ ପଡ଼ିଆମି। ତାଙ୍କୁ ଟଙ୍କା ପାଇଁ ଚାଷୀ ଗ୍ରାମରୁ ଉଠାଇ ନେଇଛନ୍ତି। କୋରୁକୋଣ୍ଡା ବ୍ଲକ ପୋଟରେଲ ପଞ୍ଚାୟତ କଡ଼େଇଗୁଡ଼ା ଗ୍ରାମ ସମେତ ପାଡାଲପୁଟ ଏବଂ ଚିତାପାରୀ ଗ୍ରାମର କେତେଜଣ ଚାଷୀଙ୍କଠାରୁ ନରସିଂହ ଜାନୁୟାରୀ ୨୧ରେ ୪୦୦ କୁଇଣ୍ଟାଲ ଧାନ ସଂଗ୍ରହକରି ମଣ୍ଡିକୁ ବିକିବାକୁ ନେଇଥିଲେ। ଧାନ ବିକ୍ରି ପରେ ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେ ଜଣେ ସମ୍ପର୍କୀୟଙ୍କ ମଣ୍ଡି କାର୍ଡରେ ଏମ୍‌ଭି-୧୧ ଏବଂ ମାଲକାନଗିରି ମଣ୍ଡିରେ ବିକ୍ରି କରିଥିଲେ ମଧ ଧାନ ନେଇଥିବା ଚାଷୀଙ୍କୁ ଟଙ୍କା ଦେଇ ନ ଥିଲେ। ଏଣେତେଣେ ଲୁଚି ବୁଲୁଥିଲେ। ଏନେଇ ୩ ଗ୍ରାମର ଚାଷୀମାନେ ମିଶି ନରସିଂହଙ୍କ ମାସାଗୁଡ଼ା ଗ୍ରାମରେ ୨ଥର ଖାପ ପଞ୍ଚାୟତ ବୈଠକ ବସାଇଥିଲେ। ମାତ୍ର ବୈଠକକୁ ନରସିଂହ ଆସି ନ ଥିଲେ। ଏବେ ଦଶହରା ଯୋଗୁ ସେ ଘରକୁ ବୁଲିବାକୁ ଆସିଥିବା ଖବର ପାଇ ଚାଷୀମାନେ ମାସାଗୁଡ଼ାରେ ପହଞ୍ଚି ନରସିଂହଙ୍କୁ କଡ଼େଇଗୁଡ଼ା ଉଠାଇ ନେଇଯାଇଥିଲେ। ଟଙ୍କା ନ ଦେବା ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିବେ ନାହିଁ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଘଟଣା ନେଇ ଥାନାରେ ଅବଗତ କରାଯାଇନାହିଁ। ସୂଚନାଯୋଗ୍ୟ, ନରସିଂହଙ୍କ ଉପରେ ଚାଷୀମାନଙ୍କ ପ୍ରାୟ ୮ଲକ୍ଷ ଟଙ୍କା ବକେୟା ରହିଛି।



ଧାନବିକି ଚାଷୀଙ୍କୁ ଟଙ୍କା ଦେଇ ନ ଥିବାରୁ ଯୁବକଙ୍କୁ ଧରିଛନ୍ତି ଚାଷୀ।



# ମହାମାୟୀଙ୍କ ମହାଷ୍ଟମୀ


ଗୁଣପୁର ଗାନ୍ଧୀନଗରଠାରେ ଶାରଦୀୟ ଅଷ୍ଟମୀ ପୂଜା।


ନବରଙ୍ଗପୁର ରାଇଘରଠାରେ ପୂଜା ଚାଲିଛି।


ଗୁଣପୁର ବିଦ୍ୟୁତ୍ କାର୍ଯ୍ୟାଳୟଠାରେ ମାଁଙ୍କ ସୁସଜ୍ଜିତ ମେଢ଼।


ନବରଙ୍ଗପୁର ଉମରକୋଟ ପୂଜାମଣ୍ଡପରେ ମା'ଙ୍କ ମୃଣ୍ମୟୀ ପ୍ରତିମା।

## ସଂକ୍ଷେପରେ

### ଲକ୍ଷାଧିକ ଟଙ୍କାର ଗଛ ଲୁଟ



**ପାପଡାହାଣ୍ଡି,୧୩।୧୦(ଡି.ଏନ୍.ଏ.):** ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡା ପଞ୍ଚାୟତ ସଦର ମହାକୁମା ବିଦ୍ୟାଳୟ ନିକଟରେ ଥିବା ରାସ୍ତା କଡ଼ର ଆକାଶିଆ ଗଛଗୁଡିକୁ ମଙ୍ଗଳବାର ମେସିନ ଲଗାଇ କେତେଜଣ କାଟିଛନ୍ତି। ପ୍ରାୟ ୧୦ରୁ ଊର୍ଦ୍ଧ୍ୱ ଗଛ କଟା ହୋଇପଡିଥିବା ଦେଖିବାକୁ ମିଳିଛି । ଖବର ପାଇ କୋଡ଼ିଙ୍ଗା ବନ ବିଭାଗର ଏକ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବନ ବିଭାଗକୁ ଦେଖି ଲୋକେ ଘଟଣାସ୍ଥଳରୁ ଚାଲିଯାଇଛନ୍ତି। ଉକ୍ତ ଗଛର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ ବୋଲି ସୂଚନା ମିଳିଛି।

### ଡିଏଲ୍ଏସ୍ଏ ପକ୍ଷରୁ ଆଇନ ସେବା ସଚେତନତା

**ରାୟଗଡ଼ା ଅଫିସ,୧୩।୧୦:** ରାୟଗଡ଼ା ଜିଲା ଆଇନ ସେବା ପ୍ରାଧିକରଣ(ଡିଏଲ୍ଏସ୍ଏ) ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଏବଂ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ଅନ୍ଲାଇନ ମାଧ୍ୟମରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପରିବାର ଅଦାଲତର ବିଚାରପତି ଆଶିଷ କୁମାର ତ୍ରିପାଠୀ, ଡିଏଲ୍ଏସ୍ଏର ସମ୍ପାଦକ ମନୋରଞ୍ଜନ ମିଶ୍ର, ବରିଷ୍ଠ ଦେୱାନୀ ବିଚାରପତି ସତରୂପା ଶତପଥୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ବି. ଲକ୍ଷ୍ମୀ ନାରାୟଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ପ୍ୟାନେଲ ଲୟର ଓ ପାରା ଲିଗାଲ ଭଲ୍ୟୁଣ୍ଟିୟର୍ସଙ୍କୁ ମାନସିକ ବିକାରଗ୍ରସ୍ତଙ୍କ ପାଇଁ ସରକାରଙ୍କ ପକ୍ଷରୁ ରହିଥିବା ସୁବିଧା ସୁଯୋଗ ବିଷୟରେ ସୂଚନା ଦେଇଥିଲେ। ସେହିପରି ସୋମବାର ଡିଏଲ୍ଏସ୍ଏ ପକ୍ଷରୁ ଜେମାଦେଇପେଣ୍ଠ ପଞ୍ଚାୟତ କାର୍ଯ୍ୟାଳୟରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଶିଶୁକନ୍ୟାଙ୍କ ସୁରକ୍ଷା, ଶିକ୍ଷା ଏବଂ ଅନ୍ୟ ବାବଦକୁ ସରକାରଙ୍କ ପକ୍ଷରୁ ରହିଥିବା ବିଭିନ୍ନ ଆଇନ ସେବା ଓ ସହାୟତା ନେଇ ଆଲୋଚନା କରାଯାଇଥିଲା।

### ମୃତକଙ୍କ ପରିବାରକୁ ରେଡକ୍ରସ୍, ହରିଶ୍ଚନ୍ଦ୍ର ଯୋଜନାରେ ସହାୟତା

ବାଘ ଆକ୍ରମଣରେ ୬ବର୍ଷର ବାଳକର ମୃତ୍ୟୁ ଘଟଣା

**ରାଇଘର, ୧୩।୧୦(ଡି.ଏନ୍.ଏ.):** ବାଘ ଝାମ୍ପିନେଇ ମାରିଦେଇଥିବା ନବରଙ୍ଗପୁର ଜିଲା ରାଇଘର ବ୍ଲକ ତୁରୁଡିହି ଗ୍ରାମର ଅବିନାଶ ମାର୍କମୀଙ୍କ ପରିବାରକୁ ପ୍ରଶାସନ ସହାୟତାର ହାତ ବଢ଼ାଇଛି। ସ୍ଥାନୀୟ ତହସିଲଦାର ରେଡ୍କ୍ରସ୍ ପାଣ୍ଠିରୁ ୧୦ହଜାର ଏବଂ ତୁରୁଡ଼ିହି ସରପଞ୍ଚ ହରିଶ୍ଚନ୍ଦ୍ର ଚନ୍ଦ୍ର ଯୋଜନାରେ ୨ହଜାର ଟଙ୍କା ଦେଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ ୬ ବର୍ଷର ଅବିନାଶ ସପରିବାର ଛତିଶଗଡ ସିହାୱା ଥାନା ଅଧୀନରେ ପାହାଡ ଉପରେ ଥିବା ଏକ ମନ୍ଦିରକୁ ଯାଉଥିବାବେଳେ ତାଙ୍କୁ ଏକ କଲରାପତରିଆ ବାଘ ଝାମ୍ପି ନେଇଥିଲା। ବନ ବିଭାଗ, ସିହାୱା ପୋଲିସ ଗୁରୁତର ଅବସ୍ଥାରେ ଅବିନାଶଙ୍କୁ ଜଙ୍ଗଲରୁ ଉଦ୍ଧାରକରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସିହାୱା ବନ ବିଭାଗ ଅବିନାଶଙ୍କ ପରିବାରକୁ ୩୫ ହଜାର ଟଙ୍କା କ୍ଷତିପୂରଣ ଦେଇଥିଲେ। ପୂର୍ବରୁ ଉକ୍ତ ଅଞ୍ଚଳରେ ମଧ୍ୟ ଏପରି ଏକ ଘଟଣା ଘଟିଥିଲା। ତେଣୁ ସେଠାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରିବାକୁ ଦାବି ହୋଇଛି।

## ମୃତଦେହ ରଖି ରାଜପଥ ଅବରୋଧ କଲେ ଗ୍ରାମବାସୀ

**ରାୟଗଡ଼ା ଅଫିସ,୧୩।୧୦**

- କବର ଦେବା ସ୍ଥାନରେ ବାଡ଼ ପକାଇ କପାଚାଷ
- ୬ମାସ ଧରି ଲାଗିରହିଛି ସମସ୍ୟା
- ମୃତଦେହ କବର ଦେବାରେ ହେଉଛି ସମସ୍ୟା

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଧୀନ ଖଲ୍ଲିଗୁଡ଼ା ଗ୍ରାମ ହରିଜନସାହିରେ ସୋମବାର ମୃତଦେହ କବରଦେବାକୁ ଜାଗା ନ ମିଳିବାକୁ କେନ୍ଦ୍ରକରି ଗ୍ରାମବାସୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। କବର ଦିଆଯାଉଥିବା ସ୍ଥାନକୁ ଯିବା ରାସ୍ତାରେ ବାଡ଼ ପକାଯିବା ସହ ସେଠାରେ କପାଚାଷ କରାଯାଇଥିବା ଦେଖି ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଗ୍ରାମବାସୀ ଜଣେ ଯୁବକଙ୍କ ମୃତଦେହ ଫେରାଇ ନେବାସହ ୩୨୬ ନମ୍ବର ଜାତୀୟ ରାଜପଥରେ ମୃତଦେହ ରଖି ଅବରୋଧ କରିଥିଲେ। ଘଟଣା ଅନୁଯାୟୀ, ଗ୍ରାମବାସୀ ଜିଷ୍ଟ(ଜିଆଇଏସ୍ଟି) ଇଞ୍ଜିନିୟରିଂ କଲେଜ ନିକଟ ଜମିରେ ଦୀର୍ଘ ବର୍ଷ ଧରି ମୃତଦେହ କବର ଦେଉଥିଲେ। ହେଲେ ୬ ମାସ ହେଲା ଉକ୍ତ ଜମିରେ କପାଚାଷ କରାଯାଇଛି। ଏଥିସହ କବର ଦିଆଯାଉଥିବା ସ୍ଥାନକୁ ବାଡ଼ଦେଇ ରାସ୍ତା ବନ୍ଦ କରାଯାଇଛି। ଫଳରେ ଖଲ୍ଲିଗୁଡ଼ା ଗ୍ରାମବାସୀ ମୃତଦେହ କବରଦେବାରେ ସମସ୍ୟା ହେଉଛି। ବୁଧବାର ସକାଳେ ଗାଁର ଏନ୍. ବାବି(୧୭)ଙ୍କ କୌଣସି କାରଣରୁ ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ମୃତଦେହ କବରଦେବାକୁ ଉକ୍ତ ସ୍ଥାନକୁ ଯାଇଥିଲେ। କିନ୍ତୁ ସେଠାରେ ବାଡ଼ଦେଇ ରାସ୍ତା ବନ୍ଦ କରାଯାଇଥିବା ଦେଖି ଗ୍ରାମବାସୀ ଉତ୍ୟକ୍ତ ହୋଇଥିଲେ। ଅପରାହ୍ନ ୩ ଟାରୁ ରାଜପଥରେ ମୃତଦେହ ରଖି ପ୍ରାୟ ୬ ଘଣ୍ଟା ଧରି ରାସ୍ତା ଅବରୋଧ କରିଥିଲେ। ଉକ୍ତ ସମସ୍ୟାର ଶୀଘ୍ର ଏବଂ ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଥିଲେ। ରାସ୍ତା ଅବରୋଧ ଯୋଗୁ ଦୀର୍ଘ ସମୟ ଧରି ଯାନବାହନ ଚଳାଚଳ ବନ୍ଦ ରହିଥିଲା। ଅତିରିକ୍ତ ତହସିଲଦାର ସୁନୀଲ ଖରା, ଏସ୍ଡିପିଓ ଦିବ୍ୟଜ୍ୟୋତି ଦାସ, ଚାନ୍ଦିଲି ଥାନାଧିକାରୀ ବିଜୟଲକ୍ଷ୍ମୀ ହିକ୍କା ପହଞ୍ଚି ଉତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହ ସମସ୍ୟା ସମାଧାନର ପ୍ରତିଶ୍ରୁତି ଦେବା ପରେ ରାତିରେ ରାସ୍ତା ଅବରୋଧ ହଟିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ଏହି ସମସ୍ୟା ୬ ମାସ ଧରି ଲାଗିରହିଛି। ଗ୍ରାମବାସୀ ଅନେକ ଥର ପ୍ରଶାସନକୁ ସମସ୍ୟା ଜଣାଇଥିଲେ ମଧ୍ୟ ସମାଧାନ ନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।


୩୨୬ ନଂ. ଜାତୀୟ ରାଜପଥରେ ଗ୍ରାମବାସୀ ଧାରଣାରେ ବସିଛନ୍ତି।

## କୋରିୟର ସର୍ଭିସ ସେଣ୍ଟରରୁ ୫ଲକ୍ଷ ଚୋରି

**ନବରଙ୍ଗପୁର,୧୩।୧୦(ବି.ପ୍ର.)**

ନବରଙ୍ଗପୁର ସାହିଲ ହୋଟେଲ ନିକଟସ୍ଥ ଆମଜନ କୋରିୟର ସର୍ଭିସ ପଏଣ୍ଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରି ହୋଇଛି। ନଗଦ ୫ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି । ଖବରପାଇ ନବରଙ୍ଗପୁର ଥାନାଧିକାରୀ ତାରିକ ଅହମ୍ମଦ ଓ ଏସ୍ଆଇ ରାକେଶ ବେହେରା, ଏଏସ୍ଆଇ ଅଶୋକ ଦେଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସର୍ଭିସ ପଏଣ୍ଟରେ ଲାଗିଥିବା ୫ଟି ସିସି କ୍ୟାମେରା ଫୁଟେଜ ଆଧାରରେ ତଦନ୍ତ ଚାଲିଥିବା ପୋଲିସ ସୂଚନା ଦେଇଛି। ୩ଜଣ ଯୁବକ ସଟର ତାଲା ଭାଙ୍ଗି ପ୍ରବେଶ କରିଛନ୍ତି। ଜଣେ ଯୁବକ ଭିତରେ ପଶି ଲୁହା ଛଡରେ ଦୁଇଟି ଟେବୁଲର ଡ୍ର ତାଡି ଟଙ୍କା ଚୋରି କରୁଥିବା ଦୃଶ୍ୟ ସିସିଟିଭିରେ ଏକଦ ହୋଇଛି। ଯୁବକମାନେ ମୁହଁରେ ପଟି ବାନ୍ଧିଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ସନ୍ଧାନୀ କୁକର ଓ ସାଇଣ୍ଟିଫିକ ଟିମ ପହଞ୍ଚି ତଦନ୍ତ କରିଛନ୍ତି। କୋରିୟର ସର୍ଭିସର ଜଣେ ଟିମ ଲିଡ୍ର ସଞ୍ଜୟ ବିଶୋଇ କହିଛନ୍ତି କେବଳ ଟଙ୍କା ଚୋରି ହୋଇଛି। ସକାଳ ୫ଟା ୪୫ରେ କାମ କରିବା ପିଲାମାନେ ସେଠାକୁ ଆସିଥିଲେ। ପୂର୍ବରୁ ସଟର ତାଲା ଭାଙ୍ଗିଥିବା ଦେଖି ପୋଲିସକୁ ଜଣାଇଥିଲେ ବୋଲି ସେ କହିଛନ୍ତି। ଏବେ ପାର୍ବଣ ସମୟ ହୋଇଥିବାରୁ ଲୋକେ ଘରେ ତାଲା ପକାଇ ଛୁଟି କଟାଇବାକୁ ଯାଉଛନ୍ତି। ଘରେ ତାଲା ପଡିଥିବା ଦେଖି ଚୋରି ବଢୁଛି। ସହରରେ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଦାବି ହୋଇଛି।

## ବାବା ଝାଡ଼େଶ୍ୱର ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ

**ଧୋଡ୍ରା, ୧୩।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ଧୋଡ୍ରା ପଞ୍ଚାୟତ ଅଧୀନ ଗୋବରୀ ନୂଆଗୁଡାରେ ବାବା ଝାଡ଼େଶ୍ୱର ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଖେଳ ପତାକା ଉତ୍ତୋଳନ କରି ଥିଲେ। ଏହି ପ୍ରତିଯୋଗିତାରେ ୩୨ଟି ଦଳ ଅଂଶ ଗ୍ରହଣ କରିବେ। ଉଦ୍‌ଘାଟନୀ ମ୍ୟାଚରେ ତେଲକନାଡି ଗୋବରୀ ମୁହାଁମୁହିଁ ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ପ୍ରତିନିଧି ରାମଧର ମାଝି, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ପ୍ରିୟରଞ୍ଜନ ଦାସ, ବ୍ଲକ ସଭାପତି ଉଦୟ ନାଥ ପନକା, ବ୍ଲକ ସମ୍ପାଦକ ରଞ୍ଜନ ବେପାରୀ ପ୍ରମୁଖ ଯୋଗ ଦେଇଥିଲେ। ଫୁଟବଲ ଟୁର୍ନାମେଣ୍ଟ ସଭାପତି ଦୈନୁ ମାଳି, ସମ୍ପାଦକ ଗୋପୀନାଥ ଭତରା, ତପନ ନାୟକ, ପୂର୍ଣ୍ଣ ଭତରା,ସୁକଲ ସାଇ ହରିଜନ,ଗଣେଶ୍ୱର ପୂଜାରୀ ଖେଳ ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହି ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହେବ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

## ପ୍ରେରଣା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଦାଣ୍ଡିଆନୃତ୍ୟ


ଯୁବତୀ ଓ ମହିଳାମାନେ ଦାଣ୍ଡିଆ ଖେଳୁଛନ୍ତି।

**ଜୟପୁର,୧୩।୧୦(ନି.ପ୍ର.)**

ଦଶହରାରେ ଦାଣ୍ଡିଆ ରାସନୃତ୍ୟର ଏକ ନିଆରା ପରମ୍ପରା ରହିଆସିଛି। ମା'ଜଗଜ୍ଜନନୀ ଦୁର୍ଗା ଏବଂ ମହିଷାସୁର ମଧ୍ୟରେ ହୋଇଥିବା ୯ଦିନ ଧରି ଯୁଦ୍ଧର ବିଜୟ ବାର୍ତ୍ତା ବହନ କରି ନୃତ୍ୟ ମାଧ୍ୟମରେ ଏହା ପାଳନ କରାଯାଏ। ଦାଣ୍ଡିଆରେ ବ୍ୟବହୃତ ଦୁଇଟି କାଠବାଡ଼ି ଖଣ୍ଡାର ପ୍ରତୀକ। ଧାର୍ମିକ, ସାଂସ୍କୃତିକ, ଓ ଭାଇଚାରାର ଏହି ପର୍ବକୁ ଗରବା ରାସ ମଧ୍ୟ କୁହାଯାଏ। ଚଳିତବର୍ଷ ଜୟପୁର ସହରସ୍ଥିତ ପ୍ରେରଣା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ମହାଷଷ୍ଠୀ ଏବଂ ମହାସପ୍ତମୀରେ ବକ୍ସିସାହିରେ ପର୍ଯ୍ୟାୟ କ୍ରମେ ଦାଣ୍ଡିଆନୃତ୍ୟ ଆୟୋଜିତ ହୋଇଥିଲା। ଏଥିରେ ପ୍ରେରଣା ପରିବାରର ସମସ୍ତ ସଦସ୍ୟ ଅଂଶଗ୍ରହଣ କରିଥିଲେ। ପ୍ରେରଣାର ମୁଖ୍ୟ ସୁସ୍ମିତା ରଥ ଏହାକୁ ପରିଚାଳନା କରିଥିଲେ। ଆଇନଜୀବୀ ଆରତି ମହାନ୍ତି ସହଯୋଗ କରିଥିଲେ। ମହିଳା କଂଗ୍ରେସର ଜିଲା ସଭାନେତ୍ରୀ ନଳିନୀ ରଥ, ଜି .ଅରୁଣା, ଅନିତା ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଡାବୁଗାଁଠାରେ ମହାଷ୍ଟମୀ ପୂଜା ଚାଲିଛି।

## ବନ୍ଦ ମଣ୍ଡପରେ ଚାଲିଛି ମା'ଙ୍କ ପୂଜା

**ଡାବୁଗାଁ, ୧୩।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ ଦୁର୍ଗାମଣ୍ଡପରେ ବୁଧବାର ମା'ଦୁର୍ଗାଙ୍କ ଅଷ୍ଟମୀ ପୂଜା ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଠାକୁରାଣୀ ମନ୍ଦିର ପୁଷ୍କରିଣୀରେ ଜଳାଧିବାସ ସହ ଗଙ୍ଗା ଆବାହନ କରାଯାଇ ବେଲବରଣ କରାଯାଇଥିଲା। ନିରାଡ଼ମ୍ବରଭାବେ ମା'ଙ୍କ କଳସ ଅଣାଯାଇ ମଣ୍ଡପରେ ସ୍ଥାପନ କରାଯାଇଛି। ରାତିରେ ଷଷ୍ଠୀ ପୂଜା କରାଯାଇଥିଲା। ମଙ୍ଗଳବାର ଚକ୍ଷୁଦାନ ସହ ମା'ଙ୍କ ଆବାହନ କରାଯାଇ ସପ୍ତମୀ ପୂଜା ହୋଇଥିଲା। ବୁଧବାର ରାତିରେ ମା'ଙ୍କ ଅଷ୍ଟମୀ ପୂଜା କରାଯାଇଛି। ସରକାରଙ୍କ କରୋନା କଟକଣା ଅନୁଯାୟୀ ମଣ୍ଡପ ଚାରିପଟ ବନ୍ଦ ରହିଥିଲା। ଭିତରେ ପୂଜାର୍ଚ୍ଚନା କରାଯାଇଥିଲା। ପୂଜକ ମହେଶ ଚନ୍ଦ୍ର ପଣ୍ଡା ପୂଜା କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଅନ୍ୟ ପୂଜକମାନେ ଏଥିରେ ସହାୟତା କରିଛନ୍ତି।

## ୧ ଜିଲା ପରିଷଦ, ୩ ସମିତି ସଭ୍ୟ ଆସନ ସଂରକ୍ଷଣ ଦାବି

**ଚନ୍ଦାହାଣ୍ଡି,୧୩।୧୦(ଡି.ଏନ୍.ଏ.)**

**ଚିଠା ସଂରକ୍ଷଣ ତାଲିକା ବିରୋଧରେ ଅନୁସୂଚିତ ଜାତି ମହାସଂଘର ଦାବିପତ୍ର**

ପଞ୍ଚାୟତ ନିର୍ବାଚନ ନିମନ୍ତେ ସଦ୍ୟ ପ୍ରକାଶିତ ଚିଠା ସଂରକ୍ଷଣ ତାଲିକାରେ ଚନ୍ଦାହାଣ୍ଡି ବ୍ଲକରେ ଅନୁସୂଚିତ ଜାତି ବର୍ଗଙ୍କୁ ଉପେକ୍ଷା କରାଯାଇଥିବା ଅଭିଯୋଗ ହୋଇଛି। ବୁଧବାର ଅନୁସୂଚିତ ଜାତି ମହାସଂଘ ଓ ପାନାବେଡା ଗଣ୍ଡା ସମାଜ ନବରଙ୍ଗପୁର ଜିଲାପାଳଙ୍କୁ ଅଭିଯୋଗପତ୍ର ଦାଖଲ କରିଛନ୍ତି। ଚନ୍ଦାହାଣ୍ଡି ଜିଲା ପରିଷଦ ଜୋନ-୧ ଆସନ ୧୯୯୭ରୁ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷିତ ହୋଇନାହିଁ। ଏହା ମଧ୍ୟରେ ଚଳିତ ଥର ଉକ୍ତ ଆସନକୁ ଅନୁସୂଚିତ ଜନଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷିତ କରଯାଇଛି। ସେହିଭଳି ଜୋନ୍-୨ ଆସନ କେବେ ମଧ୍ୟ ଅନୁସୂଚିତ ଜାତିଙ୍କ ନିମନ୍ତେ ସଂରକ୍ଷିତ ରଖାଯାଇନି। ଏଥର ପୁଣି ପଛୁଆ ବର୍ଗ ମହିଳାଙ୍କ ନିମନ୍ତେ ଉକ୍ତ ଆସନ ସଂରକ୍ଷିତ ହୋଇଛି। ସେହିଭଳି ଏହି ବ୍ଲକ୍‌ର ମୋଟ ୧୩ ସମିତି ସଭ୍ୟ ଆସନ ଅନ୍ୟ ବର୍ଗଙ୍କ ନିମନ୍ତେ ସଂରକ୍ଷିତ ଥିବାବେଳେ ମାତ୍ର ଗୋଟିଏ ଆସନ ଅନୁସୂଚିତ ବର୍ଗ ମହିଳାଙ୍କ ଲାଗି ରହିଛି। ଏହାକୁ ଅନୁସୂଚିତ ଜାତି ମହାସଂଘ ଓ ଗଣ୍ଡା ସମାଜ ବିରୋଧ କରିଛନ୍ତି। ଅନ୍ତତଃ ଗୋଟିଏ ଜିଲା ପରିଷଦ ଓ ତିନୋଟି ସମିତି ସଭ୍ୟ ଆସନ ଅନୁସୂଚିତ ଜାତି ବର୍ଗଙ୍କ ନିମନ୍ତେ ସଂରକ୍ଷିତ ରଖିବାକୁ ଦାବି କରାଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଦାବିପତ୍ର ଗ୍ରହଣ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଦଳିତ ଅଧିକାର ମଞ୍ଚ ରାଜ୍ୟ ସାଧାରଣ ସମ୍ପାଦକ କ୍ଷେମରାଜ ବାଘ, ଗଣ୍ଡା ସମାଜ ସଭାପତି ନରେଶ୍ୱର ବେଶ୍ରା, ଜଗବନ୍ଧୁ ନିଆଲ୍, ସନ୍ତୋଷ ଟାକ୍ରୀ, ମଳୟ ସୁନା, ହରିଶ୍ଚନ୍ଦ୍ର ସୁନା ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

## ପ୍ରେମ ପ୍ରତାରଣା ଅଭିଯୋଗରେ ବିବାହିତ ଯୁବକ ଗିରଫ

**ଝରିଗାଁ, ୧୩।୧୦(ସ୍ୱ.ପ୍ର.)**

ନବରଙ୍ଗପୁର ଜିଲା ଝରିଗାଁ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମରେ ଫସାଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପ୍ରତାରଣା କରିବା ଅଭିଯୋଗରେ ପୋଲିସ ଜଣେ ବିବାହିତ ଯୁବକଙ୍କୁ ଗିରଫ କରିଛି। ସେ ହେଲେ କାଲୁ ଚରଣ ମିଶ୍ର(୩୩)। ଅଭିଯୁକ୍ତ କାଲୁଚରଣ ନାବାଳିକାଙ୍କ ଗାଁରେ ରହି ବ୍ୟବସାୟ କରୁଥିଲେ। ନାବାଳିକାଙ୍କୁ ପ୍ରେମଜାଲରେ ଫସାଇ ବିଭିନ୍ନ ସମୟରେ କାଲୁ ତାଙ୍କ ସହ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ନାବାଳିକାଙ୍କ ପରିବାର ଲୋକେ ଘଟଣା ସମ୍ପର୍କରେ ଜାଣିବା ପରେ ଝିଅକୁ ବିବାହ କରିବା ପାଇଁ କାଲୁଙ୍କୁ କହିଥିଲେ। ସେ କିନ୍ତୁ ଏହାକୁ ଏଡ଼ାଇଦେଇଥିଲେ। ଯାଦବ ସମାଜ ସହାୟତାରେ ପୀଡ଼ିତା ଝରିଗାଁ ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଝରିଗାଁ ଥାନା ପୋଲିସ କେସ୍ ନଂ. ୧୫୨/୨୧ରେ ମାମଲା ରୁଜୁ କରିଛି। ଅଭିଯୁକ୍ତ କାଲୁଙ୍କୁ ଗିରଫ କରାଯାଇଛି। ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ନଟବର ନନ୍ଦ କହିଛନ୍ତି।

## ଶାଳକାଠ ବୋଝେଇ ଅଟୋ ଜବତ

**ଡାବୁଗାଁ, ୧୩।୧୦ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବନ ବିଭାଗ କୋଇଲାରୀ ଗ୍ରାମରୁ ସୋମବାର ରାତିରେ ଏକ ଶାଳକାଠ ବୋଝେଇ ଅଟୋ ଜବତ କରିଛି। ଅନ୍ଧାରର ଫାଇଦା ଉଠାଇ ଗାଡ଼ି ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗଙ୍କ ନିର୍ଦ୍ଦେଶକ୍ରମେ ବନ ବିଭାଗର ଏକ ଟିମ୍ କୋଇଲାରୀ ଗ୍ରାମ ପାଖ ଜଙ୍ଗଲରେ ପାଟ୍ରୋଲିଂ କରୁଥିଲେ। ଏକ ଅଟୋ (ଓଡି-୨୪ବି-୦୫୦୮) ଗାଡ଼ିରେ ୩୦ ଖଣ୍ଡ ସାଇଜ୍ ଶାଳ କାଠ ନେଇ ଯାଉଥିବା ସମ୍ପର୍କରେ କେନ୍ଦୁଗୁଡା ଗ୍ରାମ ବିଜୁ ବନ ସୁରକ୍ଷା ସମିତି ବନ ବିଭାଗକୁ ଖବର ଦେଇଥିଲା। ସେମାନଙ୍କ ସହାୟତାରେ ହିଁ ବନ ବିଭାଗ ଶାଳକାଠ ବୋଝେଇ ଅଟୋକୁ ଧରିଥିଲା। ବନ କର୍ମଚାରୀ ପିଛା କରିବା ସମ୍ପର୍କରେ ଜାଣିପାରି ଅଟୋ ଡ୍ରାଇଭର ଗାଡ଼ି ଛାଡି ଫେରାର ହୋଇଯାଇଛନ୍ତି। କାଠ ବୋଝେଇ ଅଟୋକୁ ଡାବୁଗାଁ ବନାଞ୍ଚଳ କାର୍ଯ୍ୟାଳୟକୁ ଅଣାଯାଇଛି। ୧୨୨/୨୧ରେ ଏକ ମାମଲା ରୁଜୁକରି ବନ ବିଭାଗ ଘଟଣାର ତଦନ୍ତ କରୁଛି। ଚଢାଉ ସମୟରେ ବନପାଳ ଲକ୍ଷ୍ମୀକାନ୍ତ ସାହୁ, ବନରକ୍ଷୀ ପ୍ରକାଶ ସରକାର, ମନୋରଞ୍ଜନ ନାୟକ, ରୀତାରାଣୀ ବିଶ୍ୱାସରାୟ, କୁନ୍ତଳା କୁମାରୀ ଖୁରା ଅନ୍ୟମାନେ ସାମିଲ ଥିଲେ।

## ଜଳିଗଲା ୩ ବଖରା

**ଡାବୁଗାଁ, ୧୩।୧୦(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ମାନିଗାଁ ଗ୍ରାମରେ ନିଆଁ ଲାଗି ୩ ବଖରା ଘର ଜଳିଯାଇଛି। ଏଥିରେ ଘରର ଆସବାବପତ୍ର, ଟଙ୍କା ଆଦି ପୋଡ଼ିଯାଇଛି। ସୂଚନାନୁଯାୟୀ, ମାନିଗାଁର ବେଣୁଧର ମାଝି ମଧ୍ୟାହ୍ନଭୋଜନ ସାରି ସ୍ତ୍ରୀ ଓ ପୁଅଙ୍କ ଘର ବାହାରେ ବସିଥିଲେ। ହଠାତ ଶର୍ଟ ସର୍କିଟ ହୋଇ ଘରୁ ଧୂଆଁ ବାହାରିଥିଲା। ଘର ଜଳିବା ଦେଖି ପାଖ ପଡୋଶୀ ଓ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିବା ସହ ଡାବୁଗାଁ ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଦମକଳ ଗାଡ଼ି ପହଞ୍ଚି ନିଆଁ ଲିଭାଇଥିଲା। ଘର ଭିତରେ ଥିବା ଲୁଗାପଟା, ଧାନ ୧୦ ବସ୍ତା, ଚାଉଳ ୫୦ କି.ଗ୍ରା., ୧୫୦୦ ଟଙ୍କା ଓ ବିଭିନ୍ନ ଆସବାବପତ୍ର ଜଳି ଯାଇଛି।

